ମରିବୁ ପଛେ ଜାଗା ଛାଡ଼ିବୁ ନାହିଁ : ଅଧ୍ୟାପକ ସଂଘ

All Odisha Non.Govt.Aided and Un-aided

ଭୁବନେଶ୍ୱର, ୨୧।୩ (ସକାଳ ଖବର): ଅଖିଳ ଓଡିଶା ବେସରକାରୀ ଅନୁଦାନ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟ (୨ ଓ ୩) ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଆମରଣ ଅନଶନରେ ଲୋୟର ପିଏମ୍‌ଜିରେ ବସିଥିଲେ । ସେମାନଙ୍କର ଏକକ ଦାବି ୨୦୦୮ ପରବର୍ତ୍ତୀ ସମସ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଜିଆଇଏ ପରିସରଭୁକ୍ତ କରିବା ପାଇଁ ସରକାରଙ୍କୁ ଦାବିପତ୍ର ବାରମ୍ବାର ଦେଉଥିଲେ ମଧ୍ୟ ସରକାର ଏହାକୁ ଖାତିର ନକରି ଖାଲି ପ୍ରତିଶ୍ରୁତି ଦେଉଛନ୍ତି ବୋଲି ଅଭିଯୋଗ କରି ଧାରଣାରେ ବସିଥିଲେ। ଆଜି ସରକାର ସେମାନଙ୍କୁ ଡ଼ାକି କୌଣସି ଆଲୋଚନା କରିନଥିଲେ। ଏଣୁ ସଦସ୍ୟମାନେ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନରେ ବସିଛନ୍ତି। ଯଦି ସରକାର ଜିଓରେ ୨୦୦୮ ପରବର୍ତ୍ତୀ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସାମିଲ୍ ନକରିବା ପଯର୍ୟନ୍ତ ଏହିପରି ଆମରଣ ଅନଶନକୁ ଆହୁରି ତୀବ୍ରତର କରିବାକୁ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି । ଏହି ଅନଶନରେ ୧୦୦ରୁ ଅଧିକ ଅଧ୍ୟାପକ ଓ ଅଧ୍ୟାପିକା ଅନଶନରେ ବସିବେ। ଏହି ଅନଶନକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ସଂଘର ସଭାପତି ଡଃ ନବକିଶୋର ମିଶ୍ର, ସାଧାରଣ ସମ୍ପାଦକ ଡଃ ରମେଶ ଚନ୍ଦ୍ର ବେହେରା, ଆବାହକ ରାଜକିଶୋର ବାରିକ, ଇତିଶ୍ରୀ ସୁନ୍ଦରା, ଦୀପକ କୁମାର ସାହୁ, ବିଷ୍ଣୁପ୍ରସାଦ ତ୍ରିପାଠୀ, ଦୀପକ ପ୍ରଧାନ, ଦିବାକର ସାହୁ, ନିଗମ, ପ୍ରସନ୍ନ କୁମାର ପାଢୀ, ଶୁଭେନ୍ଦୁ ପଣ୍ଡା, ସୂଯର୍ୟନାରାୟଣ ପଣ୍ଡାଙ୍କ ସମେତ ପ୍ରାୟ ୨୦୦୦ରୁ ଅଧିକ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଧାରଣାସ୍ଥଳରେ ବସି ଅନଶନକୁ ଆଗେଇ ନେଇ ସରକାରଙ୍କର ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି ।

ଅଜଣା ରୋଗରେ ବଡ ଭଉଣୀର ମୃତ୍ୟୁ, ସାନ ଭଉଣୀ ଜୀବନ ସହ ସଂଗ୍ରାମ କରୁଛି

ହରିଚନ୍ଦନପୁର, ୨୧।୩ (ସକାଳ ଖବର): କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜିରାଙ୍ଗ ଗ୍ରାମ ପଂଚାୟତର କୁଣ୍ଡଳପାଣି ଗ୍ରାମ ଝାଲକାଣି ସାହିର ଦିବାକର ମହାନ୍ତଙ୍କ ପୁଅ ପତିତପାବନ ମହାନ୍ତଙ୍କର ଦୁଇଟି କନ୍ୟା ସନ୍ତାନରୁ ବଡ ଝିଅ ପୁଷ୍ପାଞ୍ଜଳୀ ମହାନ୍ତ(୬)ବର୍ଷ ବୟସରେ ଅଜଣା ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିବା ପରେ ବର୍ତ୍ତମାନ ସାନ ଝିଅ ଛବିରାଣୀ ମହାନ୍ତ(୩) ଜୀବନ ସହ ସଂଗ୍ରାମ କରୁଛନ୍ତି ।

ବାପା ମାଆଙ୍କ କହିବା ଅନୁସାରେ, ବଡ ଝିଅ ପୁଷ୍ପାଞ୍ଜଳୀକୁ ଅନେକ ଟଙ୍କା ଧାର କରଜ କରି ଚିକିତ୍ସା କରିଥିଲେ, କିନ୍ତୁ ଦୁଃଖର ବିଷୟ ବଂଚାଇ ପାରିନଥିଲେ । ବର୍ତ୍ତମାନ ସାନ ଝିଅ ସେହି ରୋଗରେ ମୃତ୍ୟୁ ସହ ସଂଗ୍ରାମ କରୁଛି । ଅର୍ଥ ଅଭାବକୁ ନେଇ ବାପା ପତିତପାବନ ଚିନ୍ତାରେ ଭାଗି ପଡିଛନ୍ତି । ଏପରି ସ୍ଥିତିରେ ଝିଅର ଚିକିତ୍ସା ପାଇଁ ସରକାରୀ ସହାୟତା ଅପେକ୍ଷାରେ ପରିବାର ଲୋକେ। ସୂଚନା ଯୋଗ୍ୟ ଯେ, ବଡ ଝିଅ ପୁଷ୍ପାଞ୍ଜଳୀ ଝାମୁଜୋଡି ଠାରେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପାଠପଢୁଥିବା ବେଳେ ମିଳିମିଳା ଟିକା ନେବା ପରେ ଅଚାନକ ଦେହ ଖରାପ ହୋଇଥିଲା । ହଠାତ୍ ପରିବାରକୁ ମାଡି ଆସିଥିଲା ଅଜଣା ରୋଗ । ବଡ ଝିଅକୁ ଚିକିତ୍ସା ପାଇଁ କେନ୍ଦୁଝର ନେବା ପରେ ପୁଣି ଅଚାନକ ସାନ ଝିଅ ସେହି ରୋଗରେ ପୀଡ଼ିତ ହୋଇଥିଲା । କେନ୍ଦୁଝରରୁ କଟକ ବଡ ମେଡିକାଲର ଶିଶୁ ବିଭାଗକୁ ସ୍ଥାନାନ୍ତର ପରେ ସେଠାରେ ଡାକ୍ତରଙ୍କ କହିବା ଅନୁଯାୟୀ ଚିକିତ୍ସା ଚାଲିଥିଲା । କିନ୍ତୁ ପୁଷ୍ପାଞ୍ଜଳୀର ସ୍ୱାସ୍ଥ୍ୟବସ୍ଥାରେ କୌଣସି ପରିବର୍ତ୍ତନ ନହେବାରୁ ଭୁବନେଶ୍ୱରର ସମ ହସ୍ପିଟାଲରେ ୧୧ଦିନ ଚିକିତ୍ସା କରାଇଥିଲେ । ଏ ସବୁ ସତ୍ୱେ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ନ ଆସିବାରୁ ଅର୍ଥାଭାବରୁ ଘରକୁ ଫେରାଇ ଆଣିଥିଲେ । ଶେଷରେ ବଡ ଝିଅର ଗତ ୧୭ତାରିଖରେ ମୃତ୍ୟୁ ଘଟିଥିଲା । ବଡ ଝିଅର ମୃତ୍ୟୁ ଖବର ବାପା ମାଆଙ୍କୁ ବ୍ୟଥିତ କରିଥିବା ବେଳେ ସାନ ଝିଅ ଲିଭର ଦଣ୍ଡିସରେ ଆକ୍ରାନ୍ତ ହୋଇ ଲିଭର ଖରାପ ହୋଇଥିବାର ଡାକ୍ତରଙ୍କ ଠାରୁ ଶୁଣିବା ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି ।

ସୂଚନା ଅନୁଯାୟୀ, ସାନ ଝିଅ ଛବିରାଣୀଙ୍କର ଚଳିତ ବର୍ଷ ଅକ୍ଟୋବର ମାସ ଠାରୁ ପେଟଫୁଲା ଆରମ୍ଭ ହେବାରୁ କେନ୍ଦୁଝର ନୂଆଁ ସକାଳ ଚିକିତ୍ସାଳୟକୁ ନେଇ ଚିକିତ୍ସା କରିଥିଲେ । ଘରୋଇ ଶିକ୍ଷାନୁଷ୍ଠାନରେ ରହି ପାଠ ପଢୁଥିବା ବଡ ଝିଅ ପୁଷ୍ପାଞ୍ଜଳୀ ମହାନ୍ତଙ୍କୁ ପୂର୍ବରୁ ଜ୍ୱର ଆସୁଥିଲା ଜାନୁଆରୀ ମାସ ରୋବେଲା ଓ ମିଳିମିଳା ଟିକା ନେବା ପରେ ଜ୍ୱର ଅଧିକ ବଢିଥିଲା । ବାପା ମା ଖବର ପାଇ ଝିଅକୁ ଘରକୁ ଆଣି ଚିକିତ୍ସା କରୁଥିବା ବେଳେ ହଠାତ ଫେବୃୟାରୀ ୩୦ରେ ତାଙ୍କର ମଧ୍ୟ ପେଟ ଫୁଲା ଆରମ୍ଭ ହୋଇଥିଲା । ତେବେ ପୁନଃ ଦୁଇଝିଅଙ୍କୁ ଧରି ବାପା ମା କେନ୍ଦୁଝର ନୂଆଁ ସକାଳ ଚିକିତ୍ସାଳୟକୁ ନେଇ ଚିକିତ୍ସା କରିଥିଲେ । ଚିକିତ୍ସାଳୟ ତରଫରୁ ଝାଡା, ପରିସ୍ରା ପରୀକ୍ଷା ପାଇଁ ମୁମ୍ବାଇ ପଠାଯାଇଥିଲା । ଫେବୃୟାରୀ ୧୨ ରେ ଲିଭର ଦଣ୍ଡିସ ଅଧିକ ହୋଇଛି ବୋଲି ସୂଚନା ଦେଇ କଟକ ଶିଶୁ ଭବନକୁ ରେଫର କରିଥିଲେ । ପିତା ପତିତପାବନ ତ୍ରିବେଣୀ କମ୍ପାନୀରେ କାମ କରୁଥିଲେ ଝିଅର ଦେହ ଖରାପ ଶୁଣି ସେଠାରୁ ଛୁଟି ନେଇ ଆସିଥିଲେ ଓ ଚିକିତ୍ସା ପାଇଁ ତ୍ରୀବେଣୀ କମ୍ପାନୀ ଠାରୁ ୫୦ହଜା ଟଙ୍କା, ଜମି ବାଡି, ଛେଳି ମେଣ୍ଢା, ଘର ଆସବାବପତ୍ର ବନ୍ଧା ଦେଇ ୨ଲକ୍ଷ ୫୦ହଜାର ଟଙ୍କା ଏକାଠି କରି ରାତି ୧୦.୩୦ରେ କଟକ ଶିଶୁ ଭବନରେ ଆଡମିଶନ କରିଥିଲେ ୧୧.୩୦ ଚିକିତ୍ସା ଆରମ୍ଭ କରିବାକୁ କହି ଚିକିତ୍ସାଳୟ କର୍ମଚାରୀଙ୍କ ଆନ୍ତରୀକତା ଅଭାବ ଯୋଗୁଁ ୪ଦିନ ବିତିଯାଇଥିଲେ ମଧ୍ୟ ଚିକିତ୍ସା ହୋଇପାରିନଥିବାର ବାପା ପତିତପାବନ କହିଛନ୍ତି । ଫଳରେ ଝିଅକୁ ନେଇ ଭୂବନେଶ୍ୱର ସମ କସ୍ପିଟାଲରେ ଆଡମିଶନ କରି ୧୧ଦିନ ରହି ଚିକିତ୍ସା କରିଥିଲେ ନିଜ ପାଖରେ ଟଙ୍କା ସରିଯିବା ପରେ ଅଧିକ ଚିକିତ୍ସା ନକରି ୩ମାସର ଔଷଧ ସହିତ ଝିଅକୁ ସାଥିରେ ଘରକୁ ଆଣିଥିଲେ । ଝିଅର ଚିକିତ୍ସା ନିମନ୍ତେ ଅଢେଇ ଲକ୍ଷ ଟଙ୍କା ଋଣ କରି ଚିକିତ୍ସାରେ ଖର୍ଚ୍ଚ ହୋଇଥିବା ବେଳେ ସାନ ଝିଅର ଚିକିତ୍ସା କରିବାକୁ ବର୍ତ୍ତମାନ ପତିତପାବନ ଅସମର୍ଥ ହୋଇପଡିଛନ୍ତି । ଏଣୁ ସାନ ଝିଅର ଜୀବନ ରକ୍ଷା ନିମନ୍ତେ ସରକାରୀ ସହାୟତା ନିମନ୍ତେ ସେ ନିବେଦନ କରିଛନ୍ତି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ କୁନି ଶିଶୁଟିର ଚିକିତ୍ସା ପାଇଁ ଅର୍ଥ କିମ୍ବା ସରକାରୀ ସ୍ତରରୁ ଚିକିତ୍ସା ବ୍ୟବସ୍ଥା କରାଇବା ପାଇଁ ପରିବାର ଲୋକେ ଏବଂ ଗ୍ରାମବାସୀ ଦାବି କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ମୋତେ ନ୍ୟାୟ...

ବାହାଘର ଥିଲା । ବାହାଘରର ୪ ଦିନ ପରେ ଶୁକ୍ରବାର ଅପରାହ୍ନ ୧୨ ଟା ୪୫ରେ ତାଙ୍କ ଘରେ ସ୍କାଏ କିଙ୍ଗ୍ କୋରିୟର୍ ସର୍ଭିସରୁ ପହଂଚିଥିଲା ୨ କେଜି ୧୦ ଗ୍ରାମର ଏକ ପାର୍ସଲ୍ । ଏହି ଉପହାର ପାର୍ସଲ୍ କୁ ଖୋଲିବା ପରେ ଘଟିଥିଲା ଅଘଟଣ । ସେହି ସମୟରେ ବାପା ରବିନ୍ଦ୍ର ସାହୁ ଡାକ୍ତରୀ ପଢୁଥିବା ଝିଅକୁ ଛାଡିବାକୁ ଦିଲ୍ଲୀ ଯାଇଥିବା ବେଳେ ମା ନିଜ କଲେଜକୁ ଅଧ୍ୟାପନା ପାଇଁ ଚାଲି ଯାଇଥିଲେ । ଗୁରୁତର ଅବସ୍ଥାରେ ସୌମ୍ୟଶେଖର ଏବଂ ରିମାଙ୍କୁ ପାଟଣାଗ, ବଲାଙ୍ଗୀର ଓ ପରେ ବୁର୍ଲାକୁ ସ୍ଥାନାନ୍ତରିତ କରାଯାଇଥିଲା । ଜେଜେମା ଜେମାମଣିଙ୍କ ବଲାଙ୍ଗୀର ଡାକ୍ତରଖାନାରେ ମୃତ୍ୟୁ ଘଟିଥିବାବେଳେ ସୌମ୍ୟଶେଖରଙ୍କ ବୁର୍ଲାରେ ମୃତ୍ୟୁ ଘଟିଥିଲା । ଘଟଣାକୁ ବହୁଦିନ ବିତିଯାଇଥିଲେ ବି ଏବେ ମଧ୍ୟ ପୋଲିସର ହାତ ଖାଲି ରହିଛି । ମୁଖ୍ୟମନ୍ତ୍ରୀଙ୍କୁ ନ୍ୟାୟ ମାଗିବା ପରେ ରିମାଙ୍କ କଥାକୁ ମୁଖ୍ୟମନ୍ତ୍ରୀ କେତେଦୂର ଗ୍ରହଣ କରି ନ୍ୟାୟ ପ୍ରଦାନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

ଶପଥ ନେଲେ...

ଭୁବନେଶ୍ୱର ଆନ୍ତର୍ଜାତିକ ଏୟାରପୋର୍ଟରେ ପହଂଚିଥିଲେ । ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ରାଜ୍ୟପାଳ ମଲ୍ଲିକ ଉଭୟ ବିହାର ଓ ଓଡ଼ିଶାର ଦାୟିତ୍ୱରେ ରହିବେ ।

ଚାଷୀ ଆନ୍ଦୋଳନ ...

ପ୍ରଶାନ୍ତ ମୁଦୁଲି, ରବି ମହାପାତ୍ର ଓ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ପ୍ରମୁଖ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବାକୁ ପ୍ରତିଶ୍ରୁତି ଦେବା ସହ ପେନ୍‌ସନ ପ୍ରସଙ୍ଗରେ ହାଉସ୍‌ରେ ରିଜୋଲେସନ କରିବେ ବୋଲି ପ୍ରସ୍ତାବ ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

ବିଧାନସଭା...

କରୁଥିବାର ଦେଖା ଯାଇଥିଲା । ବାଚସ୍ପତି ଶ୍ରୀ ଅମାତ ବିଜେପି ବିଧାୟକ ମାନଙ୍କୁ ହଟ୍ଟଗୋଳ ବନ୍ଦ କରି ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ମାତ୍ର ବିଜେପି ବିଧାୟକ ମାନେ ତାଙ୍କର ହଟ୍ଟଗୋଳ ଜାରୀ ରଖିଥିଲେ । ମନ୍ତ୍ରୀ ଶ୍ରୀ ପାତ୍ର ତାଙ୍କ ଆସନରେ ଠିଆ ହୋଇ ଲିଖିତ ଉତର ପାଠ କରୁଥିଲେ ସୁଦ୍ଧା ହଟ୍ଟଗୋଳ ଯୋଗୁ ସେ ଯାହା ପଢୁଥିଲେ ତାହା ପ୍ରେସ ଗ୍ୟାଲେରୀକୁ ସ୍ପଷ୍ଟ ହେଉ ନ ଥିଲା । ଏହା ପରେ ବାଚସ୍ପତି ୧୦.୩୨ରୁ ୧୧.୩୦ ଯାଏ ଗୃହ କାର୍ଯ୍ୟ ବନ୍ଦ ରହିଲା ବୋଲି ଘୋଷଣା କରିଥିଲେ । ୧୧.୩୦ରେ ପୁଣି ଥରେ ଗୃହ କାର୍ଯ୍ୟ ଆରମ୍ଭ ହେଲା ମାତ୍ରେ ବିଜେପି ବିଧାୟକ ମାନେ ପୁଣି ଥରେ ସମାନ ପ୍ରସଙ୍ଗ ଉଠାଇ ହଟଗୋଳ ଆରମ୍ଭ କରିଥିଲେ । ସେମାନେ ଏ ସମ୍ପର୍କରେ ନାରାବାଜୀ କରିବା ସହ ବାଚସ୍ପତିଙ୍କ ପୋଡିୟମକୁ ଚଢିବାକୁ ପ୍ରୟାସ କରିଥିଲେ । ବାଚସ୍ପତି ଶ୍ରୀ ଅମାତ ତାଙ୍କୁ ବାରମ୍ବାର ଏଥିରୁ ଓହରି ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିବାର ଦେଖା ଯାଇଥିଲା । ମାତ୍ର ବିଜେପି ବିଧାୟକ ମାନେ ଏଥିରୁ ନିବୃତ ହୋଇ ନ ଥିଲେ । ଫଳରେ ବାଚସ୍ପତି ଶ୍ରୀ ଅମାତ ଗୃହକୁ ୧୧.୩୩ରୁ ୧୨.୧୦ ଯାଏ ସ୍ଥଗିତ ରହିଲା ବୋଲି ଘୋଷଣା କରିଥିଲେ । ୧୨,୧୦ରେ ପୁଣି ଥରେ ଗୃହର ବୈଠକ ଆରମ୍ଭ ହେଲା । ବାଚସ୍ପତି ଶ୍ରୀ ଅମାତ ବିଜେପି ବିଧାୟକ ଦଳ ନେତା କନକ ବର୍ଧନ ସିଂହଦେଓଙ୍କୁ କହିବାକୁ ଅନୁମତି ଦେଇଥିଲେ । ଶ୍ରୀ ସିଂହଦେଓ କହିଥିଲେ ଯେ ବିଜେଡି ସରକାର ପୋଲିସକୁ ରାଜନୈତିକ ଭାବେ ବ୍ୟବହାର କରୁଛି । ରାଜନୈତିକ ପ୍ରତିଶୋଧ ନେବା ପାଇଁ ରାଜନୈତିକ ପ୍ରତିଦ୍ୱନ୍ଦୀଙ୍କ ବିରୁଦ୍ଧରେ ମିଥ୍ୟା କେସ କରା ଯାଉଛି । ବନାବିରା ମାମଲାରେ ଡାଚ୍ଛର ସ୍ପଷ୍ଟ କରିଥିଲେ ଯେ କାହାରିକୁ ଗୁଳି ବାଜି ନାହିଁ ଓ ସମସ୍ତେ ବିପଦ ମୁକ୍ତ ରହିଛନ୍ତି । କଣ ହେଲା କେଜାଣି ଯେ ଜଣଙ୍କୁ କଟକ ଏସସିବି କଲେଜକୁ ସ୍ଥାନାନ୍ତର କରା ଗଲା ଓ ସେଠାରେ ତାର ମୃତ୍ୟୁ ହେଲା । ସତ୍ୟତା ଜାଣିବା ପାଇଁ ସିବିଆଇ ତଦନ୍ତ ହେବାର ଆବଶ୍ୟକତା ରହିଛି । ଏଥି ପାଇଁ ବାଚସ୍ପତି ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ସିଂହଦେଓ ଦାବି କରିଥିଲେ । ଏହା ବ୍ୟତୀତ ଜୟ ନାରାୟଣ ମିଶ୍ର ଶାରୀରିକ ଅସୁସ୍ଥ ରହିଛନ୍ତି । ଏପରି ପରିସ୍ଥିତିରେ ତାଙ୍କୁ ବିଚାର ବିଭାଗୀୟ ହାଜତରେ ରଖା ଯାଇଛି । ତାଙ୍କୁ ଯେପରି ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ଯିବ ସେଥି ପ୍ରତି ଦୃଷ୍ଟି ଦେବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦିଆ ଯାଉ । ରାଜନୈତିକ ଦୃଷ୍ଟିରେ ଏହି ଘଟଣାକୁ ବିଚାର କରା ନ ଯାଉ । ସରକାରୀ ଦଳର ମୁଖ୍ୟ ସଚେତକ ଅମର ପ୍ରସାଦ ସତପଥୀ କହିଥିଲେ ଯେ ଏହା ଏକ ଅପରାଧିକ ମାମଲା । ବିଜେପି ନେତା ଯେଉଁ ଦାବି କରିଛନ୍ତି ସେଥିରେ ସେ ସହମତ ନୁହନ୍ତି । କିଏ ଏହି ଘଟଣାରେ ଦୋଷୀ ଓ ନିର୍ଦ୍ଦୋଷ ତାହା ଯାଂଚ ଏଜେନ୍ସି ଓ କୋର୍ଟ କହିବ । ବାଚସ୍ପତି ସିବିଆଇ ତଦନ୍ତ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇ ପାରିବେ ନାହିଁ । ଏହା ସରକାରଙ୍କ ଉପରେ ନିର୍ଭର କରେ । ବିରୋଧୀ ଦଳର ନେତା ନରସିଂହ ମିଶ୍ର କହିଛନ୍ତି ଯେ ବିଜେପି ବିଧାୟକ ଦଳ ନେତା ଶ୍ରୀ କେଭି ସିଂହଦେଓ ଯେଉଁ ଯୁକ୍ତି ବାଢିଛନ୍ତି ସେଥିରେ ସେ ସହମତ । କିନ୍ତୁ ବାଚସ୍ପତି ଏହି ମାମଲାରେ ସିବିଆଇ ତଦନ୍ତ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇ ପାରିବେ ନାହିଁ । ବାଚସ୍ପତି ଶ୍ରୀ ଅମାତ ବିଧାନସଭା ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବା କାରଣରୁ ଏଥିରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ମାତ୍ର ବିଜେପି ବିଧାୟକ ମାନେ ଏଥି ପ୍ରତି ଗୁରୁତ୍ୱ ନ ଦେଇ ହଟ୍ଟଗୋଳ ଜାରୀ ରଖିବାରୁ ବାଚସ୍ପତି ୧୨.୨୧ରୁ ଅପରାହ୍ନ ୩ ଟା ଯାଏ ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଏହାପରେ ଅପରାହ୍ନ ୩ଟାରୁ ୩ଟା ୬ ପର୍ଯ୍ୟନ୍ତ ହଟ୍ଟଗୋଳ ଲାଗି ରହିବାରୁ ୩ ଟା ୧୬ ପର୍ଯ୍ୟନ୍ତ ୧୦ ମିନିଟ୍ ଲାଗି ଗୃହକୁ ମୁଲତବୀ ରଖିଥିଲେ । ପରିସ୍ଥିତିରେ ଉନ୍ନତି ନଘଟିବାରୁ ବାଚସ୍ପତି ଅପରାହ୍ନ ୩ଟା ୧୭ରୁ ଆସନ୍ତାକାଲି ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

୨୫୨୬ କିମି ...

ଡିପିଆର ପ୍ରସ୍ତୁତ କାର୍ଯ୍ୟ କରୁଛି । କ୍ରିୟାନ୍ୱୟନ ବା ଡିପିଆର ସ୍ତରରେ ଥିବା ରାସ୍ତା ଗୁଡିକ ଛଡା ୨୫୨୬ କିମି ରାସ୍ତାକୁ ସମ୍ଭାବ୍ୟ ରାଜମାର୍ଗରେ ପରିଣତ କରିବାକୁ ଏବେ କେନ୍ଦ୍ର ଜାତୀୟ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରା ଯାଇଛି। କ୍ରିୟାନ୍ୱିତ ହେଉଥିବା, ଡିପିଆର ସ୍ତରରେ ଥିବା ଓ ସମ୍ଭାବ୍ୟ ରାଜମାର୍ଗରେ ପରିଣତ କରିବାକୁ ଥିବା ରାସ୍ତାକୁ ମିଶାଇ ଓଡିଶାରେ ୨୦୧୪ ମସିହା ପରେ ମୋଟ ୯୯୫୪ କିମି ନୂଆ ଜାତୀୟ ରାଜମାର୍ଗର ଯୋଜନା କେନ୍ଦ୍ର ସରକାର ପ୍ରସ୍ତୁତ କରିଛନ୍ତି ବୋଲି ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ।

ଦିବାକରଙ୍କୁ ଜାତୀୟ ବେଞ୍ଚ ପ୍ରେସରେ ରୌପ୍ୟପଦକ

କେନ୍ଦ୍ରାପଡା, ୨୧।୩ (ସକାଳ ଖବର): ରାଂଚି ଠାରେ ଅନୁଷ୍ଠିତ ଜାତୀୟ ବେଂଚ ପ୍ରେସରେ କେନ୍ଦ୍ରାପଡାର ଯୁବ ଭାରତୋଳକ ଦିବାକର ଗୋଛାୟତ ରୌପପଦକ ହାସଲ କରିଥିବା ଜଣାପଡିଛି। ଚଳିତ ମାସ ୧୬ରୁ ୧୮ ତାରିଖ ମଧ୍ୟରେ ରାଂଚି ଠାରେ ଅନୁଷ୍ଠିତ ଜାତୀୟ ବେଂଚ ପ୍ରେସ ପ୍ରତିଯୋଗିତାରେ ଶ୍ରୀ ଗୋଛାୟତ ଓଡିଶାର ପ୍ରତିନିଧିତ୍ୱ କରୁଥିଲେ। ଜୁନିୟର ୬୬କିଲୋ ବିଭାଗରେ ୧୩୦ କିଲୋ ଶକ୍ତି ଉତୋଳନ କରି ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପୂର୍ବରୁ ସେ ୨୦୧୬ ମସିହାରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେଇ କଳିଙ୍ଗ କୁମାର ପଦବୀ ହାସଲ କରିଥିଲେ। କେନ୍ଦ୍ରାପଡା ବ୍ଲକ ଅଧିନ କପାଳେଶ୍ୱର ପଂଚାୟତ ଗରାପୁର ଗ୍ରାମର ବାବାଜୀ ଗୋଛାୟତଙ୍କ କନିଷ୍ଠ ପୁତ୍ର ଓ କପାଳେଶ୍ୱରର ପୂର୍ବତନ ସରପଂଚ ଅଭିମନ୍ୟୁ ଗୋଛାୟତଙ୍କ ସାନ ଭାଇ ଦିବାକରଙ୍କ ଏହି କୃତିତ୍ୱ ଜିଲ୍ଲା ପାଇଁ ଗୌରବ ଆଣିଦେଇଥିବାରୁ ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳିଯିବା ସହ ତାଙ୍କର ଉତୋରତର ଉନ୍ନତି କାମନା କରାଯାଇଛି।

BHUBANESWAR MUSIC CIRCLE
Presents
Hindustani Vocal Recital
by
Smt. Mandakini Swain
Rabindra Mandap, Bhubaneswar
21st March, 2018

ରବୀନ୍ଦ୍ରମଣ୍ଡପରେ ବିଏମ୍‌ସି ମ୍ୟୁଜିକ୍ ସର୍କଲ ସର୍କଲରେ ସୁମଧୁର ସଂଗୀତ ପରିବେଷଣ କାର୍ଯ୍ୟକ୍ରମ

ଉନ୍ନୟନ ପ୍ରକଳ୍ପ ଗୁଡିକ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ

ବୌଦ୍ଧ,୨୧।୩ (ସକାଳ ଖବର): ବୌଦ୍ଧ ଜିଲାରେ ନିର୍ମାଣଧିନ ଉନ୍ନୟନ ପ୍ରକଳ୍ପ ଗୁଡିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ସଂସ୍କୃତି ସଚିବ ମନୋରଂଜନ ପାଣିଗ୍ରାହୀ ବୌଦ୍ଧ ଗସ୍ତ କରିବା ସମୟରେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ରାଜ୍ୟର ସମସ୍ତ ଜିଲାଗୁଡିକୁ ସଚିବ ମାନେ ପରିଦର୍ଶନ କରିବା ସହ ଉନ୍ନୟନ କାମର ତଦାରଖ କରିବା ପାଇଁ ନିର୍ଦ୍ଦେଶ ମିଳିବା ପରେ ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହି ବୌଦ୍ଧ ଜିଲାକୁ ୩ ଦିନିଆ ଗସ୍ତରେ ଆସି ଜିଲାର କେତେକ ଅଂଚଳ ପରିଦର୍ଶନ କରିବା ସହିତ ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଶ୍ରୀ ପାଣିଗ୍ରାହୀ ବୌଦ୍ଧ ବ୍ଲକର ଅଁଳାପାଳିର ଛତୁଆ ପ୍ରସ୍ତୁତି, ବାଉଁଶୁଣୀର ମେଡିକାଲ, ଭୁରୁକିପଡାର ଉଦ୍ୟାନ ବିଭାଗ ଓ କୃଷି ବିଭାଗର କାର୍ଯ୍ୟ, ଖଇରମାଳର ଅଙ୍ଗନୱାଡି କେନ୍ଦ୍ର, ମନମୁଣ୍ଡାର ନିଶାନିବାରଣ କେନ୍ଦ୍ର, ବାସୁଦେବପୁର ଉଠାଜଳସେଚନ କାର୍ଯ୍ୟ, ଯୋଗନ୍ଦ୍ରପୁର ଗ୍ରାମପଂଚାୟତ ଓ କଂଟାମାଳ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିବା ପରେ ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପରିସରରେ ପଂଚାୟତ ଭବନଠାରେ ବିଭାଗୀୟ ଅଧିକାରୀମାନଙ୍କ ବୈଠକରେ ଜିଲାର ଉନ୍ନୟନ କାମର ସମୀକ୍ଷା କରିଥିଲେ। ଏହି ଅବସରରେ ରାଜ୍ୟ ସରକାର ଉନ୍ନୟନ କାର୍ଯ୍ୟ ପ୍ରତି ବିଶେଷ ଗୁରୁତ୍ୱ ଦେଉଥିବାରୁ ଶ୍ରୀ ପାଣିଗ୍ରାହୀ ଜିଲାରେ ଚାଲିଥିବା ଉନ୍ନୟନ ପ୍ରକଳ୍ପ ଗୁଡିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ସହ ଅନୁଦାନର ବିନିଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାରୀ ଯୋଜନା ଲୋକଙ୍କ ନିକଟରେ ଠିକ୍ ଭାବରେ ପହଂଚାଇବା ଓ ପ୍ରକଳ୍ପ ଗୁଡିକ ସଂପୂର୍ଣ୍ଣ କରିବା ଦିଗରେ ରହିଥିବା ସମସ୍ୟା ଅନୁଧ୍ୟାନ କରିବା ତାଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ପାଣିଗ୍ରହୀ କହିଥିଲେ । ବୈଠକରେ କୃଷି, ଉଦ୍ୟାନ, ଉଠାଜଳସେଚନ, ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା, ଗମନାଗମନ, ଶ୍ରମିକଙ୍କୁ କର୍ମଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ସମସ୍ତ ବିଭାଗରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହି ବୈଠକରେ ଜିଲାପାଳ ମଧୁସୂଦନ ମିଶ୍ର, ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

ଜିଲ୍ଲାର ସମସ୍ତ ଭୂମିହୀନମାନଙ୍କୁ ସରକାରଙ୍କ ପକ୍ଷରୁ ତୁରନ୍ତ ଡିହ ଯୋଗାଇଦେବାକୁ ବିଜେପିର ଦାବି

ବୌଦ୍ଧ, ୨୧।୩ (ସକାଳ ଖବର): ରାଜ୍ୟ ସରକାରଙ୍କ ଓ ଜିଲା ପ୍ରଶାସନର ଚରମ ଅବହେଳାରୁ ବୌଦ୍ଧ ଜିଲାର ବାସହରା ବ୍ୟକ୍ତିମାନଙ୍କୁ ସରକାରୀ ଜମି ଯୋଗାଇ ଦିଆଯାଇନଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହିତ ଅଧିକାଂଶ ସରକାରୀ ସୁବିଧାରୁ ବଂଚିତ ହେଉଥିବାରୁ ତୁରନ୍ତ ଜିଲ୍ଲାର ସମସ୍ତ ଭୂମିହୀନମାନଙ୍କୁ ସରକାରଙ୍କ ପକ୍ଷରୁ ଘରଡିହ ଯୋଗାଇଦେବାକୁ ବିଜେପି ପକ୍ଷରୁ ଦାବୀ କରାଯାଇଛି । ବୌଦ୍ଧଜିଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଏକ କାର୍ଯ୍ୟକାରିଣୀ ବୈଠକ ଜିଲା ସଭାପତି ସୌମିତ୍ରୀ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରଭାରୀ ତଥା ରାଜ୍ୟ ସଂପାଦିକା ସବିତା ନନ୍ଦ ଯୋଗଦେଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ପୌରପାଳିକା ନିର୍ବାଚନରେ ୱାର୍ଡ ସଂରକ୍ଷଣ ତୃଟି ସଂପର୍କରେ ଆଲୋଚନା କରାଯାଇ ରାଜ୍ୟରେ ଆପତି କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଚରମ ଅବହେଳାରୁ ବାସହରା ବ୍ୟକ୍ତିମାନଙ୍କୁ ସରକାରୀ ଜମି ଯୋଗାଇ ଦିଆଯାଇନଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହିତ ଅଧିକାଂଶ ହିତାଧିକାରୀ ସରକାରୀ ସୁବିଧାରୁ ବଂଚିତ ହେଉଥିବାରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାନ ଗଲେ ଏହା ବିରୁଦ୍ଧରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି। ଏହା ବ୍ୟତୀତ ବୌଦ୍ଧ ସହରରେ ପରିମଳ ବ୍ୟବସ୍ଥା, ମର୍ଜାକୁଦକୁ ଯାତାୟତ ପାଇଁ ମହାନଦୀରେ ସେତୁ ନିର୍ମାଣ, ପାନୀୟ ଜଳ ପ୍ରକଳ୍ପ ଓ ରିଂ ରୋଡ ନିର୍ମାଣ ସମ୍ପର୍କରେ ଆଲୋଚନା କରାଯବା ସହ ଜିଲାର ଉନ୍ନୟନ କାର୍ଯ୍ୟକୁ ଅଣଦେଖା କରୁଥିବାରୁ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଇଥିଲା। ଆସନ୍ତା ପୌର ନିର୍ବାଚନ ଓ ସାଧାରଣ ନିର୍ବାଚନ ପାଇଁ ବଲାଙ୍ଗିର ଠାରେ ଅନୁଷ୍ଠିତ ହେବାକୁଥିବା ରାଷ୍ଟ୍ରୀୟ ଯୁବ ସମାବେଶରେ ବୌଦ୍ଧ ଜିଲାରୁ ୧୦ ହଜାର ଯୁବକ ଯୋଗଦାନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।

ଏହି ବୈଠକରେ ପୂର୍ବତନ ବିରୋଧୀ ଦଳ ନେତା ସଚ୍ଚିଦାନନ୍ଦ ଦଲାଲ, ପୂର୍ବତନ ଚେୟାରମ୍ୟାନ ସଂଯୁକ୍ତା ନାୟକ, ଜିଲା ପରିଷଦ ସଭ୍ୟ ଧନେଶ୍ୱର ଅମାତ୍, ରାଜ୍ୟ ସଦସ୍ୟ ସୂର୍ଯ୍ୟନାରାୟଣ ମହାପାତ୍ର, ଯୁଗଳ ସାହୁ, ଓମ୍ ପ୍ରକାଶ ମିଶ୍ର, ବରିଷ୍ଠ ନେତା ମାଗୁଣି ଗାଇଗୌରୀଆ, ମନରଞ୍ଜନ ଦାଶ, ସୁଶାନ୍ତ ପ୍ରଧାନ, ବିପ୍ରଚରଣ ମହାନ୍ତି, ଚିତରଞ୍ଜନ ପାଣିଗ୍ରାହୀ, ସୁଧାଂଶୁ ଡାଙ୍ଗ, ନମିତାରାଣୀ ଦାଶ, ଚିତରଞ୍ଜନ ପାତ୍ର ଓ ଜିଲାର ୧୦ଗୋଟି ଜୋନର ମଣ୍ଡଳ ସଭାପତି ଓ ପ୍ରଭାରୀମାନଙ୍କ ସହିତ ସମସ୍ତ କାର୍ଯ୍ୟକାରିଣି ସଦସ୍ୟ ଯୋଗ ଦେଇଥିଲେ।

ଜଙ୍ଗଲରୁ ସିଆରସିସିଙ୍କ ଅର୍ଦ୍ଧଦଗ୍ଧ ଶବ ଉଦ୍ଧାର

ଜୟପୁର,୨୧।୩ (ସକାଳ ଖବର): କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ଡାଙ୍ଗରା ଜଙ୍ଗଲରେ ପଡିଥିବା ସିଆରସିସିଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ଆଜି ପୋଲିସ ଜବତ କରିଛି । ମୃତ ସିଆରସିସି ଜଣକ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ଆମ୍ବାଗୁଡାର ସନ୍ଦୀପ ସିଲ୍ । ଘଟଣାସ୍ଥଳରେ ପୋଲିସ ଓ ସାଇଂଟିଫିକ ଟିମ୍ ପହଂଚି ତଦନ୍ତ ଆରମ୍ଭ କରିଛି । ମୃତ ସନ୍ଦିପ ଗତ ୧୫ ଦିନ ହେଲା ମାନସିକ ଚାପଗ୍ରସ୍ତ ଥିବା ପରିବାର ଲୋକ କହିଛନ୍ତି । ଗତକାଲି ସେ ଡ୍ୟୁଟିରେ ଯାଉଛି କହି ଘରୁ ବାହାରିଥିଲେ । କିନ୍ତୁ ଏହା ପରଠାରୁ ପରିବାର ଲୋକେ ତାଙ୍କ ମୋବାଇଲକୁ ଫୋନ କରିଥିଲେ ସୁଦ୍ଧା ସେ ଫୋନ୍ ଉଠାଇ ନଥିଲେ । ପରେ ମୋବାଇଲ ସୁଇଚଅଫ ହୋଇଥିଲା । ଗତରାତିରେ ତାଙ୍କ ମୃତଦେହ ଡାଙ୍ଗରା ଜଙ୍ଗଲରେ ପଡିଥିବା ପରିବାର ଲୋକେ ଖବର ପାଇଥିଲେ । ମୃତଦେହ ପଡିଥିବା ସ୍ଥାନ ଠାରୁ କିଛି ଦୂରରେ ମୋବାଇଲ ଓ ବାଇକ ପଡିଥିଲା । ମୃତ ସନ୍ଦିପଙ୍କ ଭଉଣି ସୁବାରାଣି ସିଲ୍ ଙ୍କ କହିବାନୁଯାୟୀ, ସନ୍ଦିପ ବହୁତ ଭୟଭିତ ହୋଇ ପଡିଥିଲେ । କାହାରି ଫୋନ୍ ଆସିଲେ ରିସିଭ୍ କରୁନଥିଲେ । ବାହାରେ ଠିଆହେଲେ ଘରକୁ ଯିବାକୁ କହୁଥିଲେ । ତାର ଭୟବିତ ଦେଖି ଉମରକୋଟ ଯିବାକୁ କହିବାରୁ ସେ ଛୁଟି ନେଇ ଚାଲିଯିବା ବୋଲି କହୁଥିଲେ । ଜଣେ ବ୍ୟକ୍ତି ଜାଗା କିଣି ସନ୍ଦିପ ନାମରେ ରଖିଥିଲେ । ସନ୍ଦିପକୁ କିଏ ଡରାଉଥିଲେ । ତାଙ୍କୁ କିଏ ଟଙ୍କା ମାଗୁଥିଲେ । ସେ ସମ୍ପର୍କୀୟ ମାନଙ୍କୁ ମଧ୍ୟ ଟଙ୍କା ମାଗୁଥିଲେ । ସେ ଋଣ ଗ୍ରସ୍ତ ଥିବା କହୁଥିଲେ । ଯେଉଁ ବ୍ୟକ୍ତି ଜମି କିଣିଥିଲା, ସେ ଲୋକ ମରିଗଲା କିନ୍ତୁ ଜୀବିତ ଅବସ୍ଥାରେ ଥିବା ସମୟରେ ଗୋଟିଏ ଜମିକୁ ୨ ଥର ବିକ୍ରି କରି ଦେଇଛି । ଫଳରେ ସେ ତ ମଲା ମୋତେ ବି ମାରିଦେଲା ବୋଲି ପରିବାର ଲୋକଙ୍କୁ କହୁଥିଲେ । ଘଟଣାସ୍ଥଳରେ ଏଏସପି ପ୍ରଭାତ ପ୍ରଧାନ, ବୋରିଗୁମ୍ମା ଏସଡିପିଓ ଏଚ.କେ.ମାଝି, ବୋରିଗୁମ୍ମା ପୋଲିସ ପହଂଚିବା ସହ ସାଇଂଟିଫିକ ଟିମ୍ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରି ଫେରିଛି । ପାରିପାର୍ଶ୍ୱିକ ସ୍ଥିତିରୁ ପ୍ରଥମେ ହତ୍ୟା କରି ପରେ ପୋଡାଯାଇଥିବା ସନ୍ଦେହ କରାଯାଉଛି । ଅଂଚଳବାସୀ ସନ୍ଦିପଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରୁନଥିବା ବେଳେ ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ଅଭିଯୋଗ କରିଛନ୍ତି । ଡାଙ୍ଗରା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସହ ସିଆରସିସି ଦାୟିତ୍ୱ ତୁଲାଉଥିଲେ ସନ୍ଦିପ । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

କୋର୍ଟ ପରିସରରେ ଓକିଲ-ମହକିଲ ମାଡପିଟ, ଥାନାରେ ପୃଥକ୍ ମାମଲା

କେନ୍ଦ୍ରାପଡା, ୨୧।୩ (ସକାଳ ଖବର): କେନ୍ଦ୍ରାପଡା ପରିବାର ଅଦାଲତ ପରିସରରେ ଦୁଇ ଜଣ ଓକିଲଙ୍କ ସହ ଜଣେ ମହକିଲ ମାଡପିଟ ଏବଂ ଏ ନେଇ ଟାଉନ ଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହେବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ଦିନ ମହକିଲ ପ୍ରଭାସ ରଂଜନ ଦଳାଇଙ୍କର ପରିବାର ଅଦାଲତରେ ଏକ ମାମଲା ଥିଲା। ତାଙ୍କ ଓକିଲ ଆସିବାରେ ବିଳମ୍ବ ହେବାରୁ ମହକିଲ ପ୍ରଭାସ ଓ ଓକିଲ ସୁଧିର କୁମାର ପରିଡା ପାଟିତୁଣ୍ଡ ହେବା ସହ ପ୍ରଭାସ ସୁଧିରଙ୍କୁ ଆକ୍ରମଣ କରିଥିଲା। ଏହି ଘଟଣା ସୁଧିରଙ୍କ ସିନିୟର ଓକିଲ ଦୁର୍ଯ୍ୟୋଧନ ସାହୁ ଜାଣିବା ପରେ ପ୍ରଭାସଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ପ୍ରଭାସଙ୍କ ପକ୍ଷରୁ ଏକ ଏତଲା ଓ ସୁଧିରଙ୍କ ପକ୍ଷରୁ ଅନ୍ୟ ଏକ ଏତଲା କେନ୍ଦ୍ରାପଡା ଟାଉନ ଥାନାରେ ଦିଆଯାଇଥିବା ଜଣାପଡିଛି। ପୁଲିସ ଦୁଇଟି ଏତାଲାକୁ ଗ୍ରହଣ କରି ୩୨/୧୮ ଓ ୩୩/୧୮ରେ ଦୁଇଟି ମାମଲା ରୁଜୁ କରି ପ୍ରଭାସକୁ ଥାନାରେ ଅଟକ ରଖିଥିବା ଜନାପଡିଛି।